# NATIONAL NEWS BULLETIN (ODIA)

## 10 September - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଗବେଷଣା ମାଧ୍ୟମରେ ସମସ୍ୟାର ନୂତନ ସମାଧାନ ଖୋଜିବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ହରିଆଣା ବିଧାନସଭା ନିର୍ବାଚନରେ ୯୦ଟି ଆସନ ପାଇଁ ଏ ପର୍ଯ୍ୟନ୍ତ ୧୩୫ ଜଣ ପ୍ରାର୍ଥୀ ଦାଖଲ କରିଛନ୍ତି ନାମାଙ୍କନପତ୍ର ।
- ଦେଶରେ ବୈଦ୍ୟୁତିକ ଯାନ ବିକ୍ରି ଉଲ୍ଲେଖନୀୟ ବୃଦ୍ଧି ପାଇଛି, କହିଲେ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ।
- ସାମୁଦ୍ରିକ ଝଡ଼ ୟାଗି ପ୍ରଭାବରେ ଭିଏତନାମ୍‌ରେ ମୃତ୍ୟୁ ସଂଖ୍ୟା ୬୫କୁ ବୃଦ୍ଧି ।

ଏବଂ

- ମାନବ ଚାଲାଣ ଏବଂ ସାଇବର ଠକେଇ ମାମଲାରେ ଲାଓସ୍ ସ୍ଥିତ ଲଙ୍ଗ୍‌ସେଙ୍ଗ୍ କମ୍ପାନୀର ସି.ଇ.ଓ.ଙ୍କ ବିରୁଦ୍ଧରେ  ଚାର୍ଜସିଟ୍ ଦାଖଲ କଲା ଏନ୍.ଆଇ.ଏ. ।

# ପ୍ରଧାନମନ୍ତ୍ରୀ-ଅନୁସନ୍ଧାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗବେଷଣା ମାଧ୍ୟମରେ ସମସ୍ୟାର ନୂତନ ସମାଧାନ ଖୋଜିବା ଉପରେ ଧ୍ୟାନ ଦିଆଯିବା ଉଚିତ୍ । ନୂଆଦିଲ୍ଲୀ ଠାରେ ନବଗଠିତ ଅନୁସନ୍ଧାନ ଜାତୀୟ ଗବେଷଣା ପ୍ରତିଷ୍ଠାନ ଏ.ଏମ୍.ଆର୍.ଏଫ୍.ର ଆଜି ଅନୁଷ୍ଠିତ ପ୍ରଥମ ପରିଚାଳନା ବୋର୍ଡ୍ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଗବେଷଣା କ୍ଷେତ୍ରରେ ଆହ୍ୱାନ ସୃଷ୍ଟି କରୁଥିବା ପ୍ରତିବନ୍ଧକ ଗୁଡ଼ିକୁ ଚିହ୍ନଟ କରି ଏହାକୁ ଦୂର କରିବା ଉଚିତ୍ । ଗବେଷଣା ଏବଂ ବିକାଶର ଅଗ୍ରଗତି ଉପରେ ନଜର ରଖିବା ପାଇଁ ପ୍ରସଙ୍ଗ ସ୍ତରୀୟ ବିଶେଷଜ୍ଞଙ୍କର ତାଲିକା ପ୍ରସ୍ତୁତ କରିବା ସହ ଏକ ଡ୍ୟାସ୍ ବୋର୍ଡ୍ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଗବେଷଣା ଏବଂ ଉଦ୍ଭାବନ ପାଇଁ ସମ୍ବଳର ଅଭାବ ରହିବ ନାହିଁ । ତେଣୁ ସମ୍ବଳର ସଠିକ୍ ବିନିଯୋଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜାତୀୟ ଶିକ୍ଷାନୀତି ୨୦୨୦ ସୁପାରିଶ ଆଧାରରେ ଏହି ଗବେଷଣା ସଂସ୍ଥା ପ୍ରତିଷ୍ଠା କରାଯାଇଥିଲା । ଦେଶର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ ଏବଂ ଗବେଷଣା ଓ ବିକାଶ ପରୀକ୍ଷାଗାରରେ ଅନୁସନ୍ଧାନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ପ୍ରତିଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ହରିଆନା-ବିଧାନସଭା ନିର୍ବାଚନ

ହରିଆଣା ବିଧାନସଭା ନିର୍ବାଚନରେ ୯୦ଟି ଆସନ ପାଇଁ ଏ ପର୍ଯ୍ୟନ୍ତ ୧୩୫ ଜଣ ପ୍ରାର୍ଥୀ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା ୧୨ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିବ । ପୂର୍ବରୁ ବିଜେପି ୬୭ ଜଣଙ୍କର ପ୍ରାର୍ଥୀତ୍ୱ ପାଇଁ ନାମ ତାଲିକା ଘୋଷଣା କରିଥିଲା । ସେଥିରେ ମୁଖ୍ୟମନ୍ତ୍ରୀ ନାଏବ ସୈନି, ପୂର୍ବତନ ଅର୍ଥମନ୍ତ୍ରୀ କ୍ୟାପ୍‌ଟେନ୍ ଅଭିମନ୍ୟୁ, ବଲୱନ୍ତ ସିଂହ, ଘନଶ୍ୟାମ ଦାସ ଅରୋରା, ସୁବାସ ସୁଧା, ଘନଶ୍ୟାମ ସରାଫ୍ ପ୍ରମୁଖଙ୍କ ନାମ ସ୍ଥାନିତ ହୋଇଥିଲା । ତେବେ ଆଜି ବିଜେପି ଆଉ ୨୧ ଜଣଙ୍କର ନାମ ତାଲିକା ପ୍ରକାଶ କରିଛି । ସେମାନଙ୍କ ମଧ୍ୟରେ କ୍ୟାପ୍‌ଟେନ୍ ଯୋଗେଶ ବୈରାଗି, ଜୁଲନା ବିଧାନସଭା ଆସନରୁ ଅଲିମ୍ପିକ୍ କ୍ରୀଡ଼ାବିତ୍ ବିନେଶ ଫୋଗଟ୍‌ଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିବେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଷ୍ଣା ଗହଲାୱତ, ବିମଳା ଚୌଧୁରୀ, ପ୍ରଦୀପ ସାଙ୍ଗୱାନ୍, ନସିମ୍ ଅହମ୍ମଦ ଏବଂ ଐରାଜ ଖାନ୍ ପ୍ରମୁଖ ଅଛନ୍ତି ।

ସେହିଭଳି କଂଗ୍ରେସ ୪୧ ଜଣଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି । ସେମାନଙ୍କ ମଧ୍ୟରେ ଦଳର ରାଜ୍ୟ ସଭାପତି ଉଦୟଭାନ, ରାଜେନ୍ଦ୍ର ସିଂହ ଜୁନ୍ ପ୍ରମୁଖ ଅଛନ୍ତି । ଅନ୍ୟ ରାଜନୈତିକ ଦଳ ଗୁଡ଼ିକ ମଧ୍ୟରେ ଆମ୍ ଆଦମୀ ପାର୍ଟି  ୨୦, ଆଜାଦ ସମାଜ ପାର୍ଟି ମେଣ୍ଟ ଜେ.ଜେ.ପି. ୩୧ ଏବଂ ଆଇ.ଏନ୍.ଏଲ୍.ଡି. – ବି.ଏସ୍.ପି. ମେଣ୍ଟ ୧୨

ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ତେବେ ଆମ୍ ଆଦମୀ ପାର୍ଟି ଆଜି ଆଉ ୯ ଜଣଙ୍କର ପ୍ରାର୍ଥୀତ୍ୱ ପାଇଁ ନାମ ଘୋଷଣା କରିଛି । ସେମାନଙ୍କ ମଧ୍ୟରେ ପ୍ରବେଶ ମେହଟ୍ଟା, ମୁକ୍ତିୟାର୍ ସିଂହ ବାଜିଗର ପ୍ରମୁଖ ଅଛନ୍ତି ।

## ଜେକେ-ନିର୍ବାଚନ ସୁରକ୍ଷା

ଜାମ୍ମୁ ସୀମାନ୍ତ ବି.ଏସ୍.ଏଫ୍.ର ମହାନିର୍ଦ୍ଦେଶକ ଡି.କେ. ବୁରା କହିଛନ୍ତି, ଆଗାମୀ ବିଧାନସଭା ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଅନୁପ୍ରବେଶ ବିରୋଧୀ ବ୍ୟବସ୍ଥା ଗ୍ରହଣ କରାଯିବା ସହ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ଡୋଡା ଜିଲ୍ଲାରେ ଶ୍ରୀ ବୁରା କହିଛନ୍ତି, ଚେନ୍ନାବ୍ ଉପତ୍ୟକାରେ ସୀମାସୁରକ୍ଷା ବାହିନୀକୁ ମୁତୟନ କରାଯାଇଛି ।

## ଗଡ଼କରି-ବୈଦ୍ୟୁତିକ ଯାନ

ଦେଶରେ ବୈଦ୍ୟୁତିକ ଯାନ ବିକ୍ରି ବୃଦ୍ଧି ପାଇଲେ ୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଭାରତୀୟ ଅଟୋମୋବାଇଲ୍ ନିର୍ମାଣ ପରିଷଦ–ସିଆମ୍‌ର ୬୪ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ

ଗଡ଼କରୀ କହିଛନ୍ତି, ଦେଶରେ ବୈଦ୍ୟୁତିକ ଯାନ ବିକ୍ରି ଉଲ୍ଲେଖନୀୟ ବୃଦ୍ଧି ପାଇଛି । ୨୦୨୩ ସୁଦ୍ଧା ଏହା ବାର୍ଷିକ ୧ କୋଟି ବିକ୍ରି ସଂଖ୍ୟାକୁ ସ୍ପର୍ଶ କରିବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ୩୦ଲକ୍ଷ ବୈଦ୍ୟୁତିକ ଯାନ ଦେଶରେ ଏ ପର୍ଯ୍ୟନ୍ତ ପଞ୍ଜିକୃତ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବୈଦ୍ୟୁତିକ ଚାରି ଚକିଆ ଯାନ ବିକ୍ରିରେ ୪୫ ପ୍ରତିଶତ ଏବଂ ବୈଦ୍ୟୁତିକ ଦୁଇ ଚକିଆ ଯାନ ବିକ୍ରିରେ ୫୬ ପ୍ରତିଶତ ବୃଦ୍ଧି ଘଟିଛି । ଏହି ସମୟ ମଧ୍ୟରେ ୪୦୦ ଷ୍ଟାର୍ଟଅପ୍ ବୈଦ୍ୟୁତିକ ଦୁଇ ଚକିଆ ଯାନ ଉତ୍ପାଦନ ଆରମ୍ଭ କରିଛନ୍ତି ।

ନୂଆ ସ୍କ୍ରାପିଂ ନୀତି ଅଧୀନରେ ପୁରୁଣା ଯାନଗୁଡ଼ିକୁ ସ୍କ୍ରାପ୍ କରିବା ପାଇଁ ଅଭିନବ ଉପାୟ ବାହାର କରିବାକୁ ମନ୍ତ୍ରୀ ଶ୍ରୀ ଗଡ଼କରୀ ଅଟୋମୋବାଇଲ୍ ଶିଳ୍ପକୁ ଆହ୍ୱାନ ଦେଇଛନ୍ତି । ଦେଶରେ ପର୍ଯ୍ୟାପ୍ତ ସ୍କ୍ରାପିଂ କେନ୍ଦ୍ର ନାହିଁ । ସେ କହିଛନ୍ତି, ଭାରତକୁ ବିଶ୍ୱ ଅଟୋମୋବାଇଲ୍ ହବ୍‌ରେ ପରିଣତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଅଟୋ ମୋବାଇଲ୍ ଶିଳ୍ପକୁ ସାହାଯ୍ୟ କରିବା ସହ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

## ଭିଏତନାମ-ୟାଗି

ସାମୁଦ୍ରିକ ଝଡ଼ ୟାଗି ପ୍ରଭାବରେ ଭିଏତନାମ୍‌ରେ ମୃତ୍ୟୁ ସଂଖ୍ୟା ୬୫କୁ ବୃଦ୍ଧି ପାଇଛି । ପ୍ରବଳ ବର୍ଷା ଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ

ଦେଶର ଉତ୍ତରାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ୩୯ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି । ଭିଏତନାମ୍‌ର କୃଷି ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ଫୋଙ୍ଗ୍‌ଚାଉ ପୋଲ ଭୂଶୁଡ଼ି  ପଡ଼ିବାରୁ ବହୁ ଲୋକ ମୃତାହତ ହୋଇଥିବା ଜଣାପଡ଼ିଛି । ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସାମୁଦ୍ରିକ ଝଡ଼ ପ୍ରଭାବିତ ଦେଶର ୫ଟି ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଫାମ୍ ମିନ୍ ଚିନ୍ ୪ ମିଲିୟନ୍ ଡଲାର୍ ସହାୟତା ରାଶି ଘୋଷଣା କରିଛନ୍ତି ।

## ରୁଷ-ୟୁକ୍ରେନ୍ ମାନବ ବିହିନ ବିମାନ

ରାଜଧାନୀ ମସ୍କୋ ସମେତ ୯ଟି ଅଞ୍ଚଳରେ ୟୁକ୍ରେନ୍‌ର ୧୪୪ଟି ମାନବ ବିହିନ ବିମାନ ୟୁ.ଏ.ଭି.କୁ ନଷ୍ଟ କରି ଦିଆଯାଇଛି । ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ସୂଚନା ଦେଇ କହିଛି, ୟୁକ୍ରେନ୍ ସେନା ପକ୍ଷରୁ ଏହା ଏକ ବଡ଼ ଧରଣର ଆକ୍ରମଣର ଅଂଶ ଥିଲା । ରୁଷିଆର ଏୟାର୍ ଡିଫେନ୍ସ ସିଷ୍ଟମ୍ ସେଗୁଡ଼ିକୁ ଚିହ୍ନଟ କରି ନଷ୍ଟ କରିଦେଇଛି । ମସ୍କୋ ଓ ଏହାର ଆଖପାଖ ଅଞ୍ଚଳକୁ ଲକ୍ଷ୍ୟ କରି ୯ଟି ଡ୍ରୋନ୍ ଉଡ଼ାଣ କରୁଥିଲା । ମସ୍କୋର ୪ଟି ବିମାନ ବନ୍ଦର ମଧ୍ୟରୁ ୩ଟିକୁ ୬ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା ଏବଂ ୫୦ଟି ବିମାନ ଉଡ଼ାଣର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ମସ୍କୋ

ରିଫାଇନାରୀ ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଏକ ପାୱାର ପ୍ଲାଣ୍ଟ୍‌ରେ ନିଆଁ ଲାଗିଯାଇଥିଲା । ମନ୍ତ୍ରଣାଳୟ କହିଛି, ଚଳିତ ମାସ ପ୍ରାରମ୍ଭରେ ୟୁକ୍ରେନ୍‌ର ୧୫୮ଟି ଡ୍ରୋନ୍‌କୁ ଏୟାର୍ ଡିଫେନ୍ସ ସିଷ୍ଟମ୍ ନଷ୍ଟ କରି ଦେଇଥିଲା ।

## ପିଏମ୍‌ଏସ୍‌ଏସ୍‌ୱାଇ ରାଜୀବ ରଂଜନ

ନୂଆଦିଲ୍ଲୀରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ମତ୍ସ୍ୟ କିଶାନ୍ ସମୃଦ୍ଧି ସହ-ଯୋଜନାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିବେ । ମତ୍ସ୍ୟ ଓ ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନାରେ ଆରମ୍ଭ କରାଯାଇଥିବା ଜାତୀୟ ପ୍ରାଥମିକତା ପ୍ରକଳ୍ପ ଗୁଡ଼ିକ ଉପରେ ଆଲୋଚନା କରାଯିବ । ମତ୍ସ୍ୟ ଉତ୍ପାଦନ ଏବଂ ପ୍ରକ୍ରିୟାକରଣ କ୍ଲଷ୍ଟର ଉପରେ ପରିଚାଳନାଗତ ମାର୍ଗଦର୍ଶିକାକୁ ଉନ୍ମୋଚନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂହ ବାଘେଲ ଏବଂ ଜର୍ଜ କୁରିୟାନ୍, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମତ୍ସ୍ୟ ବିଭାଗର ପ୍ରତିନିଧି, ଏହି ଯୋଜନାର ହିତାଧିକାରୀ ପ୍ରମୁଖ ଯୋଗଦେବେ ।

## ମୁମ୍ବାଇ-ଏନ୍‌ଆଇଏ ଚାର୍ଜସିଟ୍

ଲାଓସ୍ ସ୍ଥିତ ଲଙ୍ଗ୍‌ସେଙ୍ଗ୍ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଆଜି ଚାର୍ଜସିଟ୍ ଦାଖଲ କରିଛି । ମାନବ ଚାଲାଣ ଏବଂ ସାଇବର ଠକେଇ ମାମଲାରେ ଏହି ଚାର୍ଜସିଟ୍ ଦାଖଲ ହୋଇଛି । ଗତ ଜୁନ୍ ମାସରେ ଏନ୍.ଆଇ.ଏ. ଦ୍ୱାରା ଗିରଫ୍ ହୋଇଥିବା ସୁଦର୍ଶନ ଦରାଡ଼େଙ୍କୁ ଏହି ମାମଲାରେ ମୁଖ୍ୟ ଦୋଷୀ ଭାବେ ନାମିତ କରାଯାଇଛି । ତଦନ୍ତ ବେଳେ ଦରାଡ଼େଙ୍କ ମୋବାଇଲ୍‌ରୁ ବହୁ ତଥ୍ୟ ହସ୍ତଗତ ହୋଇଥିଲା । ତଦନ୍ତରୁ ଜଣାପଡ଼ିଛି, ଦରାଡ଼େଙ୍କ କମ୍ପାନୀ ଲାଓସ୍ ସ୍ଥିତ ଲଙ୍ଗ୍‌ସେଙ୍ଗ୍ କମ୍ପାନୀରେ ଚାକିରି କରାଇଦେବା ନେଇ ଯୁବକଙ୍କୁ ଚୋରା ଚାଲାଣ ରାକେଟ୍‌ରେ ସଂଶ୍ଳିଷ୍ଟ ରହିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କ ବିଷୟରେ ସୂଚନା ସଂଗ୍ରହ ଚାଲିଛି ବୋଲି ଏନ୍.ଆଇ.ଏ. ପକ୍ଷରୁ ସୂଚନା ଦିଆଯାଇଛି ।

## ୟୁଏଇ-ଭାରତ ବ୍ୟବସାୟିକ ସମ୍ମିଳନୀ

ସଂଯୁକ୍ତ ଆରବ ଏମିରେଟ୍ ଏବଂ ଭାରତ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ମୁମ୍ବଇଠାରେ ଆଜି ଆରମ୍ଭ ହୋଇଥିବା ୟୁ.ଏ.ଇ.-ଭାରତ

ବ୍ୟବସାୟି ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗୋୟଲ ଏହା କହିଛନ୍ତି । ସେ କହିଛନ୍ତି, ୟୁ.ଏ.ଇ.କୁ ଭାରତର ଅଭିବୃଦ୍ଧି ପଥର ଏକ ପ୍ରମୁଖ ଅଂଶିଦାର ବୋଲି ପ୍ରଧାନମନ୍ତ୍ରୀ ବିବେଚନା କରନ୍ତି । ଦୁଇ ଦେଶର କେତେକ ଶିଳ୍ପଗୋଷ୍ଠୀ ମଧ୍ୟରେ ୧୦ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଫୋରମ୍‌ର ବିଷୟବସ୍ତୁ ରହିଛି, 'ବିସ୍ତୃତ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ବ୍ୟତିରେକ, ଉଦ୍ଭାବନ ଏବଂ ଭବିଷ୍ୟତ ପ୍ରସ୍ତୁତ ଅର୍ଥନୀତି' । ଏହି ସମ୍ମିଳନୀରେ ଆବୁଧାବିର ୟୁବରାଜ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହେୟାଁ ଏବଂ ୟୁ.ଏ.ଇ.ର କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ସଦସ୍ୟ ତଥା ଦୁଇ ଦେଶର ଶିଳ୍ପ ଗୋଷ୍ଠୀ ଏବଂ ବ୍ୟବସାୟ ବିଶେଷଜ୍ଞ ଉପସ୍ଥିତ ଥିଲେ ।

## କୁମାର ସ୍ୱାମୀ-ଇସ୍ପାତ୍ କ୍ଷେତ୍ର

ଇସ୍ପାତ ଓ ଭାରିଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ କହିଛନ୍ତି, ଇସ୍ପାତ୍ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଛି ଏବଂ ସ୍ଥାୟୀତ୍ୱ ପାଇଁ ଏଥିରେ ଆବଶ୍ୟକ ପରିବର୍ତ୍ତନ ଅଣାଯିବା ଦରକାର । ଗ୍ରୀନ୍ ଷ୍ଟିଲ୍ ରିପୋର୍ଟ୍ ଉନ୍ମୋଚନ କରିବା ଅବସରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ କୁମାର ସ୍ୱାମୀ କହିଛନ୍ତି, ସ୍ଥାୟୀତ୍ୱ ଏବେ ଏକ ବିକଳ୍ପ ନୁହେଁ ବରଂ ପୃଥିବୀର କଲ୍ୟାଣ ପାଇଁ ଆବଶ୍ୟକ ଦାୟିତ୍ୱ । ସେ କହିଛନ୍ତି, ଇସ୍ପାତ୍ ଶିଳ୍ପ

କ୍ଷେତ୍ରରେ କାର୍ଯ୍ୟରତ, ବିଶେଷଜ୍ଞ, ବ୍ୟକ୍ତିବିଶେଷ ଏବଂ ନୀତି ନିର୍ଦ୍ଧାରକଙ୍କୁ ସବୁଜ ଇସ୍ପାତ ଓ ଶିଳ୍ପ ପାଇଁ ସ୍ଥାୟୀତ୍ୱ ବିଷୟରେ ଜ୍ଞାନ ଆହରଣ କରିବାରେ ଏହି ରିପୋର୍ଟ୍ ସହାୟକ ହେବ ।

ଆକାଶବାଣୀ ସମ୍ବାଦ ବିଭାଗ ସହ କଥାବାର୍ତ୍ତା ବେଳେ ସେଲ୍‌ର ବୈଷୟିକ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ କୁମାର ସିଂହ କହିଛନ୍ତି, ବ୍ଲାଷ୍ଟ୍‌ଫର୍ଣ୍ଣେସ୍ ମାଧ୍ୟମରେ ଇସ୍ପାତ୍ ଉତ୍ପାଦନ ଦକ୍ଷତାରେ ଉନ୍ନତି ଆଣିବା ଏବଂ କାର୍ବନ ନିର୍ଗମନକୁ ହ୍ରାସ କରିବା ଦିଗରେ ସେଲ୍ କାର୍ଯ୍ୟ କରୁଛି । ଇସ୍ପାତ୍ ଏବଂ ଭାରି ଶିଳ୍ପର ପୂର୍ବତନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି, ସବୁଜ ଇସ୍ପାତ୍ ବ୍ୟବହାର ପାଇଁ ଶିଳ୍ପ ଏବଂ ସରକାର ଅଧିକ ପ୍ରୋତ୍ସାହନ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।